ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଓଡ଼ିଶା ଏକ୍ସପ୍ରେସ୍



ସମ୍ପାଦକୀୟ

## ତଥାପି ଦାଦନ!

ଖବରକାଗଜ ପୃଷ୍ଠା ଏବଂ ଟିଭି ପର୍ଦ୍ଦାରେ ସରକାରଙ୍କ ପକ୍ଷରୁ ଚାଲିଥିବା ବିଭିନ୍ନ ଜନହିତକର ଯୋଜନାର ପ୍ରଚାର ଦେଖିଲେ ମନେହୁଏ ଏକ ବହୁ ପୁରାତନ ରୋଗର ଉପଶମ ହୋଇଯାଇଛି । ଅନେକ ସମୟରେ ପୂରା ପୃଷ୍ଠାର ବିଜ୍ଞାପନରେ ୧, ୨, ୩... କ୍ରମରେ ଲୋକଙ୍କ ଉନ୍ନତି ପାଇଁ ସରକାରଙ୍କ ଦ୍ୱାରା ଚାଲୁ ହୋଇଥିବା ଏବଂ ହେବାକୁ ଥିବା ବିଭିନ୍ନ ଉନ୍ନୟନମୂଳକ ବିବରଣୀରୁ ଓଡ଼ିଶା ଯେ ଏ ଦେଶର ଏକ ଅଗ୍ରଣୀ ରାଜ୍ୟ ଏପରି ମନେହୁଏ । ବିଶେଷ କରି ଓଡ଼ିଶା ଲୋକଙ୍କର ଆର୍ଥିକ ସ୍ୱଚ୍ଛଳତା ନେଇ ମନରେ ସକାରାତ୍ମକ ଭାବ ସୃଷ୍ଟି ହୁଏ । ଲାଗେ, ଦରିଦ୍ର ରାଜ୍ୟ ତାଲିକାରେ ଓଡ଼ିଶା ଉପରକୁ ଉଠିଛି । କିନ୍ତୁ ସେଇ ଖବରକାଗଜ ପୃଷ୍ଠାରେ ଆଜି ଦିନରେ ଏପରି ସମ୍ବାଦ ପ୍ରକାଶିତ ହେଉଛି ଯାହାକୁ ପାଠକଲେ ଲାଗେ ଆମେ ଯେଉଁ ତିମିରେକୁ ସେଇ ତିମିରେ!

ବେଶ୍ କିଛିଦିନ ତଳେ ବିଧାନସଭାରେ ବିଭାଗୀୟ ମନ୍ତ୍ରୀ ଉତ୍ତର ଦେବାକୁ ଯାଇ ଓଡ଼ିଶା ବାହାରେ ଲକ୍ଷାଧିକ ଲୋକ ଦାଦନ ଶ୍ରମିକ ଭାବେ କାମ କରୁଥିବାର ବିବୃତି ଦେଇଥିଲେ । ଏହା ବେଶ୍ କିଛି ବର୍ଷ ତଳର କଥା । ଇତିମଧ୍ୟରେ ଟଙ୍କିକିଆ ଚାଉଳଠାରୁ ଆରମ୍ଭ କରି ୫ ଟଙ୍କିଆ ଡାଲମା–ଭାତ ଯାଏଁ କ୍ଷୁଧା ନିବାରଣ ଲାଗି ଅନେକ କିସମର ଯୋଜନା ସରକାର କାର୍ଯ୍ୟକାରୀ କରିଛନ୍ତି । ଆୟ ବୃଦ୍ଧି ପାଇଁ ମଧ୍ୟ ସରକାର ପଦକ୍ଷେପ ନେଇଥିବାର କହିଆସୁଛନ୍ତି । ଏଥିସହିତ ରହିଛି ବିଭିନ୍ନ କିସମର ଭତ୍ତା । ତଥାପି ତେଲେଙ୍ଗାନା ରାଜ୍ୟକୁ ଚାଲାଣ ହେଉଥିବା ୮୧ଜଣ ଦାଦନ ଶ୍ରମିକଙ୍କୁ ବଲାଙ୍ଗୀର ଜିଲ୍ଲାର କଣ୍ଟାବାଞ୍ଜି ପୋଲିସ ଉଦ୍ଧାର କରିଥିବା ଖବର ବୁଧବାରରେ ପ୍ରକାଶିତ ସମ୍ବାଦପତ୍ରର ପୃଷ୍ଠାମଣ୍ଡନ କରିଛି । ସବୁଠାରୁ ଦୁର୍ଭାଗ୍ୟଜନକ କଥା ହେଲା– ମଧ୍ୟାହ୍ନଭୋଜନରେ ଅଣ୍ଡା ପରି ସ୍ୱାଦିଷ୍ଟ ଏବଂ ପୁଷ୍ଟିକର ଖାଦ୍ୟ ଦିଆଯାଉଥିବାର ସରକାର ପକ୍ଷରୁ କୁହାଯାଉଥିଲେ ହେଁ ଏହି ଦାଦନ ଶ୍ରମିକଙ୍କ ମଧ୍ୟରେ ୧୫ଜଣ ଶିଶୁ ଅଛନ୍ତି । ଏହାଛଡ଼ା ପାଟଣାଗଡ଼ ବ୍ଲକ୍‌ର ବରବାହାଲ ଗାଁରୁ ପାଟଣାଗଡ଼ ପୋଲିସ ୧୯ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି । ସେହିପରି ବରଗଡ଼ ଜିଲ୍ଲା ଘାଟଗାଁ ଅଞ୍ଚଳର ୧୦ଜଣ ପୁରୁଷ, ୬ଜଣ ମହିଳା ଏବଂ ୩ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଛି । ଲାଠୋରଠାରେ ମଧ୍ୟ ୨୫ଜଣ ଦାଦନ ଶ୍ରମିକଙ୍କୁ ପୋଲିସ ଉଦ୍ଧାର କରିଛି । ଏମାନଙ୍କୁ ଆନ୍ଧ୍ରପ୍ରଦେଶକୁ ଚାଲାଣ କରାଯାଉଥିଲା ।

ଏହି ଶ୍ରମିକ ଚାଲାଣରୁ ଗୋଟିଏ କଥା ସାମ୍ନାକୁ ଆସେ । ତା'ହେଲା ଓଡ଼ିଶା ତୁଳନାରେ ଆନ୍ଧ୍ରରେ ରୋଜଗାର ସୁଯୋଗ ହୁଏତ ଅଧିକ, ଯେଉଁ କାରଣରୁ ଲୋକେ ପେଟପାଟଣା ପାଇଁ ସେଇ ସବୁ ରାଜ୍ୟକୁ ଯିବାକୁ ଚାହୁଁଛନ୍ତି । ସେଠି ଦାଦନ ଖଟିବାକୁ ପସନ୍ଦ କରୁଛନ୍ତି ।

ସରକାରଙ୍କୁ ଆମର ଅନୁରୋଧ । ସରକାର ଏଠାରୁ ଏକ ପ୍ରତିନିଧି ଦଳ ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶକୁ ପଠାନ୍ତୁ, ସେମାନେ ସେଠାକୁ ଯାଇ ଦେଖିକି ଆସନ୍ତୁ ଓଡ଼ିଶା ତୁଳନାରେ ସେଠାରେ ରୋଜଗାର କରିବାର କି କି ସୁବିଧା ରହିଛି । ସେହି ଅନୁଯାୟୀ ପଦକ୍ଷେପ ନେଲେ ଏ ରାଜ୍ୟର କେହି ଦାଦନ ଖଟିବାକୁ ସେହି ସବୁ ରାଜ୍ୟକୁ ଯାଆନ୍ତେ ନାହିଁ । ଗୋଟେ ସମୟ ଥିଲା, ଅନ୍ୟ ରାଜ୍ୟର ଅନେକ ଲୋକ କଟକ ସହରରେ ପେଟପାଟଣା ପାଇଁ ରିକ୍ସା ଟାଣୁଥିଲେ । ଏବେ ଆମ ଲୋକ ବାହାର ରାଜ୍ୟକୁ ଯାଉଛନ୍ତି ଦାଦନ ଖଟିବାକୁ ! ଆଜିଦିନରେ ଏହା ଏକ ବିଡ଼ମ୍ବନା ଛଡ଼ା ଆଉ କ'ଣ ହୋଇପାରେ ?

# କର୍ମ ଫଳ ଆଜି ନହେଲେ ବି କାଲି ଭୋଗିବାକୁ ପଡ଼ିବ

**ସତ କହିବାକୁ କିଆଁ ଡରିବି**

◆ ଅମ୍ବିକା ପ୍ରସାଦ ଦାସ ◆

> **ସବୁ କାମ ମୋ'ଠୁ ଆଦାୟ କରି ସେଠୁ ମୋତେ ବାହାର କରିଦେଲେ ! ସାର୍, ୟା'ଙ୍କ ସ୍ୱାର୍ଥରକ୍ଷା ପାଇଁ ଆପଣଙ୍କ ଭଳି କେତେ ଲୋକଙ୍କ ବିରୋଧରେ ଆମେ ହତିଆର ଭାବେ ବ୍ୟବହୃତ ହୋଇଥିଲୁ ! ଅପ୍ରିୟ ହେଲୁ, କିନ୍ତୁ ବାବୁ ଯେମିତି ଟିକେ ସଳଖିଗଲେ ଦେଲେ ଗୋଟେ ଲାତ । ବଙ୍ଗଳାରେ କୁହାଯାଏ- ''ଯାର୍ ଜନ୍ନେ ଚୁରି କୋରି ସେଇ ବଲେ ଚୋର୍'' ।**

ଏଇ କିଛିଦିନ ତଳେ ଜଣେ ଉଚ୍ଚପଦସ୍ଥ ଅଫିସରଙ୍କୁ ଭେଟିବା ଲାଗି ଏକ ଦପ୍ତରକୁ ଯାଇଥିଲି । ସେ ନଥା'ନ୍ତି ତାଙ୍କ ପ୍ରକୋଷ୍ଠରେ । ତେଣୁ ଟିକେ ଅପେକ୍ଷା କରିବା ଉଚିତ୍ ହେବ ଭାବି ଭିଜିଟର୍ସ ରୁମ୍‌କୁ ପଶିଲି ।

ସେଠି ସୋଫାରେ ବସିଥିବା ଜଣେ ଭଦ୍ରବ୍ୟକ୍ତି ମୋତେ ଦେଖିବା ମାତ୍ରେ ହଠାତ୍ ଉଠିପଡ଼ିଲେ । ଏ ବାବୁ କାହିଁକି ମୋତେ ଦେଖି ବସିବା ଥାନରୁ ଉଠିପଡ଼ିଲେ ବୁଝିପାରିଲିନି ! ଯଦିଓ ଚିହ୍ନାଚିହ୍ନା ଲାଗୁଥିଲେ, ସେହି ମୁହୂର୍ତ୍ତରେ କିନ୍ତୁ ତାଙ୍କ ସ୍ଥିତି ସଂପର୍କରେ ମୋର କିଛି ମନେ ପଡୁନଥିଲା । ଅଳ୍ପ ସମୟ ପରେ ମୋ' ଆଖିସାମ୍ନାରେ ଭାସିଉଠିଲା କିଛିବର୍ଷ ତଳର ଚିତ୍ର । ଏଇ ଭଦ୍ରବ୍ୟକ୍ତିଙ୍କ ଆତ୍ମୀୟଙ୍କ ନାମକୁ ବ୍ୟବହାର କରି ଆମ ନାଁରେ ମାଳ ମାଳ ମନଗଢ଼ା ପିଟିସନ୍ ପଡ଼ିଥିଲା ବିଭିନ୍ନ ଦପ୍ତରରେ । ଆମକୁ କେତେ ହରକତ କରିବାକୁ ଚେଷ୍ଟା କରାଯାଇନଥିଲା ସେତେବେଳେ! ହେଲେ ଏ ବାବୁ ଏବେ ଏତେ ବିଷଣ୍ଣ ଦିଶୁଛନ୍ତି କାହିଁକି? ସେମିତି ଚୁପ୍‌ହୋଇ ଛିଡ଼ା ହୋଇଥା'ନ୍ତି ସେ ! ଖୁବ୍ ଅନୁତପ୍ତ ଭଳି ଲାଗୁଥାନ୍ତି !

ମନ ମଧ୍ୟରେ ଉଙ୍କି ମାରୁଥିବା ପ୍ରଶ୍ନସବୁକୁ ସେମିତି ମନ ଭିତରେ ଚାପିରଖି ତାଙ୍କୁ ଟିକେ ସହଜ କରିବା ଲକ୍ଷ୍ୟରେ ପଚାରିଲି– କ'ଣ, ଆଉ ସବୁ ଭଲ? ଏବେ ସେଇ ସଂସ୍ଥାରେ କାମ କରୁଛନ୍ତି ତ?

ସେ କହିଲେ– ନାଇଁ, ମୁଁ ଆଉ କ'ଣ ସେଠି ଅଛି? ସବୁ କାମ ମୋ'ଠୁ ଆଦାୟ କରି ସେଠୁ ମୋତେ ବାହାର କରିଦେଲେ ! ସାର୍, ୟା'ଙ୍କ ସ୍ୱାର୍ଥରକ୍ଷା ପାଇଁ ଆପଣଙ୍କ ଭଳି କେତେ ଲୋକଙ୍କ ବିରୋଧରେ ଆମେ ହତିଆର ଭାବେ ବ୍ୟବହୃତ ହୋଇଥିଲୁ ! ଅପ୍ରିୟ ହେଲୁ, କିନ୍ତୁ ବାବୁ ଯେମିତି ଟିକେ ସଳଖିଗଲେ ଦେଲେ ଗୋଟେ ଲାତ । ବଙ୍ଗଳାରେ କୁହାଯାଏ– ''ଯାର୍ ଜନ୍ନେ ଚୁରି କୋରି ସେଇ ବଲେ ଚୋର୍'' ।

ମୋଟାମୋଟି ଭାବେ ବ୍ୟକ୍ତିଗତ ସ୍ତରରେ ମୋର ଓ ଆମ ସଂସ୍ଥା ବିରୋଧରେ ଅନ୍ୟର ପ୍ରରୋଚନାରେ କରିଥିବା କାର୍ଯ୍ୟଲାଗି ଅନୁଶୋଚନାର ସ୍ପଷ୍ଟ ପ୍ରତିଫଳନ ଲକ୍ଷ୍ୟ କଲି ତାଙ୍କଠାରେ ।

ମୁଁ ତାଙ୍କୁ ଭରସା ଦେଲି– ମୋର ବା ଆମ ସଂସ୍ଥାର ଅନେକ କ୍ଷତି କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ତାଙ୍କ ପ୍ରତି ବା ତାଙ୍କ ପରିବାର ପ୍ରତି ଆମଆଡୁ କୌଣସି ବିଦ୍ୱେଷ ଭାବ ନାହିଁ । ମୋ'ଠୁ ଏଇ ପଦକ ଶୁଣି ତାଙ୍କ ଆଖି ଛଳଛଳ ହୋଇଗଲା ।

ମୁଁ ତାଙ୍କୁ ବୁଝାଇବାକୁ ଯାଇ କହିଲି– ୪/୫ ବର୍ଷ ତଳେ ଏଇ ବ୍ୟକ୍ତିଙ୍କ ହାତବାରସୀ ହୋଇ ସେଇ ସଂସ୍ଥାର ଅନ୍ୟ କିଛି କର୍ମଚାରୀଙ୍କ ଆତ୍ମୀୟ ଆମ ନାଁରେ ମିଛ ପିଟିସନ୍ ପକାଇ ଆମକୁ ହଲାପଟା କରିବାକୁ ଚେଷ୍ଟା କରିଥିଲେ । ସେତେବେଳେ ଆମେ କିଛିଦିନ ଚାପରେ ଥିଲୁ ସତ, ହେଲେ ସାହସର ସହିତ ପରିସ୍ଥିତିର ସାମ୍ନା କରିଥିଲୁ ।

ପିଟିସନ୍ ଉପରେ ତଦନ୍ତ ହେଲା । ତଦନ୍ତ ରିପୋର୍ଟରେ ଆମ ବିରୋଧରେ ଅଣାଯାଇଥିବା ସବୁତକ ଅଭିଯୋଗ ଖାଲି ମିଥ୍ୟା ପ୍ରମାଣିତ ହେଲାନି, ବରଂ ଏପରି କୁକାର୍ଯ୍ୟ ଉଦ୍ଦେଶ୍ୟମୂଳକ ବୋଲି ତଦନ୍ତ କମିଟି ରିପୋର୍ଟ ଦେଲେ । ଆମେ ଚାହିଁଥିଲେ ସେତେବେଳେ ପିଟିସନ୍‌କର୍ତ୍ତାଙ୍କ ନାଁରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିଥାନ୍ତୁ । କିନ୍ତୁ ଆମେ ସେପରି କରିନଥିଲୁ ଏଇଥିପାଇଁ ଯେ ସେମାନେ ଅସଲ ଦୋଷୀ ନୁହନ୍ତି– ଅସଲ ଦୋଷୀ ପରଦା ଆଢୁଆଳରେ ରହି ମଜା ନେଉଛି । କାର୍ଯ୍ୟାନୁଷ୍ଠାନ ହେଲେ 'ମାଷ୍ଟର ମାଇଣ୍ଡ'ର କିଛି ହେବ ନାହିଁ, ବରଂ ତାଙ୍କ ପାଇଁ ହତିଆର୍ ଧରି ଆଗକୁ ଆସିଥିବା ଲୋକେ ହିଁ ଲହୁଲୁହାଣ ହେବେ । ଆମର ସେଇ ନିଷ୍ପତ୍ତି ଏକଦମ୍ ଠିକ୍ ଥିଲା, ଯେଉଁ କାରଣରୁ ଆଜି ଆପଣ ମୋତେ ଦେଖି ଆସନରୁ ଉଠିଗଲେ, ସମ୍ମାନ ଦେଇ ଦି'ପଦ କଥା ହେଲେ । ଆମେ ଯଦି ରାଗ ରଖିଥାନ୍ତୁ, ତେବେ ଏତକ ଆଜି ମିଳିଥାନ୍ତା କି?

ସେ କହିଲେ– ଜଣେ ଲୋକ କ'ଣ ଆଜ୍ଞା ଏତେ ତଳକୁ ଯାଇପାରେ? କାମ ଥିବାବେଳେ କୋଟି ଆଦର, କାମ ସରିଗଲେ ସାତପର?

ଚାଣକ୍ୟଙ୍କ ମତକୁ ଉଦ୍ଧାର କରି ମୁଁ କହିଲି– ''ମଣିଷ ନିଜେ ହିଁ ନିଜ କର୍ମ ଦ୍ୱାରା ଦୁଃଖକୁ ନିଜ ପାଖକୁ ଡାକି ଆଣିଥାଏ । ଯେତେବେଳେ ସେ ଆପଣଙ୍କୁ ବିନା କାରଣରେ ଅନ୍ୟର କ୍ଷତି କରିବାକୁ ପ୍ରୋତ୍ସାହିତ କଲେ ସେତେବେଳେ ଟିକେ ଜଗିଯାଇଥିଲେ ଆଜି ଏ ଦିନ ଦେଖିବାକୁ ପଡ଼ିନଥାନ୍ତା !''

ସବୁ କାଳର ଖେଳ ! ଅସୁବିଧାଜନକ ପରିସ୍ଥିତି ଆମ ପାଇଁ ଯେମିତି ସୃଷ୍ଟି ହୋଇଥିଲା ଠିକ୍ ସେମିତି ସେଇ କାଳ ମଧ୍ୟ ସେଥିରୁ ମୁକୁଳିବାର ବାଟ ବତାଇ ଦେଇଥିଲା ଆମକୁ । ଖାଲି କ'ଣ ଆପଣ ଜଣେ ଲୋକ ଏମିତି ଧୋକ୍କା ଖାଇଲେ ଏବେ? ଆଉ କ'ଣ ଅନ୍ୟ କେହି ଏଭଳି ଅବସ୍ଥାର ସାମ୍ନା କରିନାହାନ୍ତି?

ସେ କହିଲେ– ମୋ ଭଳି ଆଉ ୨/୩ଜଣ ମଧ୍ୟ ତାଙ୍କରି କଥାରେ ନିଆଁକୁ ଡେଇଁଥିଲେ । ସମସ୍ତେ ଏବେ ଦରପୋଡ଼ା ହୋଇ ଛଟପଟ ହେଉଛନ୍ତି । ଜଣ ଜଣ କରି ସମସ୍ତଙ୍କୁ ସେ ଅପମାନିତ କରି ଏହା ଭିତରେ ବାହାର କରିସାରିଲେଣି । ତାଙ୍କ ପ୍ରରୋଚନାରେ ଆପଣଙ୍କ ଭଳି ଆଉ କେତେକଙ୍କୁ ହରକତ କରିବା ଉଦ୍ଦେଶ୍ୟରେ କେତେ କ'ଣ କରିଛୁ ! ଆପଣଙ୍କର ତ କିଛି ହେଲାନି, ଆମେ କିନ୍ତୁ ଏବେ ପରିଣାମ ଭୋଗୁଛୁ । ଟଙ୍କା ଗଲା– ଚାକିରି ଗଲା– ମାନସମ୍ମାନ ଗଲା– ସବୁ କିଛି ହରାଇ ଭିତରେ ଭିତରେ ଖାଲି କାନ୍ଦିବା ସାର ହୋଇଛି ଆମପାଇଁ ।

ଭାଙ୍ଗିପଡ଼ିଥିବା ଏଇ ଲୋକଟିକୁ ଆଶ୍ୱାସନା ଦେଇ କହିଲି– ଆପଣ ମୋର ଏତେ କ୍ଷତି କଲା ପରେ ବି ତ ମୋ' ମନରେ ରାଗ ନାହିଁ, ଭଲଭାବେ ଏତେ କଥା ଆପଣଙ୍କ ସହ ହେଲି– କ'ଣ ବୁଝିଲେ ଏଥିରୁ? ଆପଣମାନେ ନକରାତ୍ମକ କାମରେ ଯେତେବେଳେ ମନଦେଇ ଆମ ପଛରେ ପଡ଼ିଥିଲେ ଆମେ ସକାରାତ୍ମକ କାମ କରିଚାଲିଥିଲୁ ସେତେବେଳେ । ଯଦି ଆପଣଙ୍କ କାର୍ଯ୍ୟକୁ ଗୁରୁତ୍ୱ ଦେଇ ତା' ପଛରେ ଲାଗିଥାନ୍ତୁ ତା'ହେଲେ ଆଜି ଯୋଉଠି ପହଞ୍ଚିଛୁ ସେଠି ପହଞ୍ଚିପାରିଥାନ୍ତୁ କି?

ସେ ମୁଣ୍ଡ ଟୁଙ୍ଗାରି ମୋ' କଥାରେ ସମ୍ମତି ଜଣାଇଲେ ।

ମୋ' ପାଖରୁ ଫେରିବାବେଳେ ଆରମ୍ଭ ବେଳର ଭାରି ଭାରି ଲାଗୁଥିବା ତାଙ୍କ ଅନୁତପ୍ତ ମନଟା ଟିକେ ହାଲ୍‌କା ହେଇଯାଇଥିବା ସ୍ପଷ୍ଟ ଲକ୍ଷ୍ୟ କରିପାରୁଥିଲି ମୁଁ ।

ସେ ଚାଲିଯିବା ପରେ ଭାବୁଥିଲି– ''କର୍ମ ଫଳ ଆଜି ନହେଲେ ବି କାଲି ଭୋଗିବାକୁ ପଡ଼ିବ'' ବୋଲି ଯେଉଁ ଆପ୍ତ ବାକ୍ୟ ଅନେକଙ୍କଠାରୁ ଶୁଣିବାକୁ ମିଳେ ପ୍ରକୃତରେ ତା'ର ଦାମ୍ ଅଛି । ଆମ କ୍ଷେତ୍ରରେ ଗତ ୪/୫ ବର୍ଷ ଭିତରେ ଘଟିଥିବା ଘଟଣାର ଅନୁଶୀଳନ, ବିଶେଷକରି ଅନ୍ୟ କଥାରେ ପଡ଼ି ଆମର ବିରୋଧାଚରଣ କରି ଆମକୁ ନାକେଦମ୍ କରିବାକୁ ଚେଷ୍ଟା କରିଥିବା ଏଭଳି ଲୋକଙ୍କ ଦୁରବସ୍ଥାକୁ ଅବଲୋକନ କଲାପରେ ଏଇ ଆପ୍ତବାକ୍ୟରେ ଯେ କେତେ ବାସ୍ତବତା ରହିଛି ତାହା ବେଶ୍ ବୁଝିହୁଏ ।

# କାଳୀପୂଜା

■ ବିଦ୍ୟୁତଲତା ପଣ୍ଡା ■



ଯୁଗେ ଯୁଗେ ପାପ, ଅନ୍ୟାୟ, ଅତ୍ୟାଚାରକୁ ବିନାଶ କରିବା ପାଇଁ ମାତୃଶକ୍ତିର ଘଟିଛି ଆବିର୍ଭାବ । ମାନବଜାତିର ଅଭ୍ୟୁତ୍ଥାନ ସହିତ ମାତୃଶକ୍ତିର ପୂଜା ପ୍ରତିଷ୍ଠା ସମ୍ପାଦିତ । ସେହିପରି କାର୍ତ୍ତିକମାସ ଅମାବାସ୍ୟାର କାଳରାତ୍ରୀରେ ମହାକାଳୀଙ୍କ ଆବିର୍ଭାବ ତଥା ପୂଜାର୍ଚ୍ଚନାର ବାସ୍ତବ ସମୟ, କାରଣ କାଳରାତ୍ରୀ ହିଁ ମହାକାଳୀଙ୍କ ପ୍ରିୟ ରାତ୍ରୀ ଅଟେ । କାଳରାତ୍ରୀ, ମୋହରାତ୍ରୀ, ମହାରାତ୍ରୀ ତଥା ଦାରୁଣରାତ୍ରୀମାନଙ୍କରେ ଦେବୀଙ୍କ ପୂଜାର୍ଚ୍ଚନା ତଥା ସାଧନାରେ ସବିଶେଷ ମହତ୍ତ୍ୱ ପରିସ୍ଫୁଟ ହୋଇଥାଏ ।

କାଳଗର୍ଭରୁ ଏହି ଭୂତଜଗତର ସୃଷ୍ଟି ଏବଂ ସଂହାର ମଧ୍ୟ । କାଳ ସମଗ୍ର ଭୂତଜଗତକୁ ସୃଷ୍ଟି, ପାଳନ କରିବା ସହିତ ସଂହାର ମଧ୍ୟ କରିପାରେ । କାଳ ପତତି ଭୂତାନି କାଳ ସଂହରତି ପ୍ରଜଃ କ୍ୱାଳଙ୍କ ପତ୍ନୀ କଳୀ ହେଉଛନ୍ତି ଜଗତର ଆଧାରଭୂତା । ଆକାଶ, ବାୟୁ, ଗ୍ରହ, ନକ୍ଷତ୍ର ଓ ମର୍ତ୍ତ୍ୟ ସବୁଠାରେ ମହାଶକ୍ତି କାଳୀଙ୍କ ଅପୂର୍ବଲୀଳା । ମୁଣ୍ଡକୋପନିଷଦରେ କାଳୀଙ୍କ ସ୍ୱରୂପକୁ ଅଗ୍ନିଙ୍କର ସପ୍ତଜିହ୍ୱା ସହିତ ତୁଳନା କରାଯାଇଁ । ଅଗ୍ନିଙ୍କ ପ୍ରଥମ ଶିଖା କାଳୀ, ୨ୟ ଶିଖା କରାଳୀ, ୩ୟ ଶିଖା ମନୋଜବା–ଷୋଡ଼ଶୀ, ୪ର୍ଥ ଶିଖା ସୁଲୋହିତା–ଭୁବନେଶ୍ୱରୀ, ୫ମ ଶିଖା ସୁଧୂମ୍ରବର୍ଣ୍ଣା–ଧୂମାବତୀ, ୬ଷ୍ଠ ଶିଖା ସ୍ଫୁଲିଙ୍ଗିନୀ–ମାତଙ୍ଗୀ, ୭ମ ଶିଖା ବିଶ୍ୱରୂପା–ବଗଳାମୁଖୀ । ଶାକ୍ତ ମତରେ ଏହି ଦେବୀମାନେ ଦଶମହାବିଦ୍ୟା ଅନ୍ତର୍ଗତ । ଶିବଙ୍କ ଅଷ୍ଟ ମୂର୍ତ୍ତିପରି କାଳୀଙ୍କର ମଧ୍ୟ ଅଷ୍ଟରୂପ–ଚିନ୍ତାମଣି, ସ୍ପର୍ଶମଣି, ସ୍ୱର୍ଣ୍ଣମଣି, ସନ୍ତତିପ୍ରଦା, ସିଦ୍ଧି, ଦକ୍ଷିଣା, କାମକଳା, ହଂସ ଏବଂ ଗୁହ୍ୟକାଳୀ ନାମରେ ନାମିତ । ଏହି ଅଷ୍ଟକାଳୀଙ୍କୁ ଅଷ୍ଟଦେବୀ ରୂପେ ମଧ୍ୟ ବର୍ଣ୍ଣିତ । ଜୟନ୍ତିଂ ମଙ୍ଗଳାକାଳୀ ଭଦ୍ରକାଳୀ ନମୋସ୍ତୁତେ, ଦୁର୍ଗେଶିବେ କ୍ଷମଧାତ୍ରୀ ସ୍ୱାହାସ୍ୱଧା ନମୋସ୍ତୁତେ । ଦୁର୍ଗେଶିବେ କ୍ଷମେଧାତ୍ରୀ ସ୍ୱାହାସ୍ୱଧା ନମୋସ୍ତୁତେ । କାଳୀଙ୍କ ଅର୍ଦ୍ଧାବତାର ମଧ୍ୟରେ ଦକ୍ଷିଣକାଳୀ, ଗୁହ୍ୟକାଳୀ, ଭଦ୍ରକାଳୀ, ଶ୍ମଶାନକାଳୀ, ଶ୍ୟାମାକାଳୀଙ୍କ ଉପାସନା ଗୁରୁତ୍ୱପୂର୍ଣ୍ଣ । ଦେବୀ ଶକ୍ତି ସ୍ୱରୂପିଣୀ, ଅନନ୍ତ ଶକ୍ତି ଦ୍ୱାରା ବିଶ୍ୱପ୍ରପଞ୍ଚ ରଚନା, ପରିଚାଳନା ଏବଂ ସଂହରଣାଦି ପରିଚାଳନା କରନ୍ତି । ଦେବୀ ଅଚିନ୍ତ୍ୟ ଶକ୍ତି, ଅଚିନ୍ତ୍ୟ ରୂପ–ତାଙ୍କ ରୂପର କଳନା ନାହିଁ ।

ଶୁମ୍ଭଦୈତ୍ୟକୁ ବଧକଲାବେଳେ ଦେବୀଙ୍କ ଶରୀର ଅତିଶୟ କ୍ରୋଧରେ କଳା ପଡ଼ିଯିବାରୁ ମା'ଙ୍କର ନାମ କାଳୀ । ଦେବୀଙ୍କର ଅତିଶୟ କୋପକୁ ଲକ୍ଷ୍ୟ କରି ତାଙ୍କୁ କାଳୀ ଭାବରେ ଅଭିହିତ କରାଯାଇଛି । ସମର ବିଳାସିନୀ କୋପରୂପା କାଳୀ ରାକ୍ଷସ ବିନାଶ କରିବା ପରେ ମଧ୍ୟ ନିଜ ସ୍ୱରୂପକୁ ଫେରି ନପାରି ସେହି ଅବସ୍ଥାରେ ଭୟଙ୍କର କ୍ରୋଧବଶତଃ ନୃତ୍ୟ କରିବାକୁ ଆରମ୍ଭ କରିଦେଲେ । ସେହି ନୃତ୍ୟର ଭୟଙ୍କରତାକୁ ଲକ୍ଷ୍ୟକରି ସମସ୍ତ ଦେବ,ଗନ୍ଧର୍ବାଦି ଏଥିରୁ ରକ୍ଷା ନିମନ୍ତେ ଶିବଙ୍କୁ ସ୍ତୁତି କରିବାକୁ ଲାଗିଲେ । ଶିବ ମଧ୍ୟ ସୃଷ୍ଟିର ରକ୍ଷା ନିମନ୍ତେ କାଳୀଙ୍କୁ ଏହି ଭୟଙ୍କର ନୃତ୍ୟରୁ କ୍ଷାନ୍ତ କରାଇବା ଉଦ୍ଦେଶ୍ୟରେ ଯାଇ କାଳୀଙ୍କ ସମ୍ମୁଖରେ ଶୋଇପଡ଼ିଲେ । ନୃତ୍ୟ ବିଭୋର କାଳୀ ନିଜ ଅଜାଣତରେ ଶିବଙ୍କ ଉପରେ ପାଦ ପକାଇ ଦେଇ ଦେଖନ୍ତି ତ ନିଜ ପ୍ରାଣପ୍ରିୟଙ୍କ ବକ୍ଷରେ ତାଙ୍କ ପାଦ ପଡ଼ିଯାଇଛି । ଲଜ୍ଜା ଓ ସଂକୋଚରେ ମାତା ଜିଭ କାମୁଡ଼ି ଦେଇଛନ୍ତି । ମା'ଙ୍କର ସେହି ରୂପ ସମସ୍ତ ଚିତ୍ରକାର ଏବଂ ମୂର୍ତ୍ତିକାରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ତାହା ଅଧିକ ପ୍ରତିଷ୍ଠିତ ହେବା ସହିତ ସେହି ରୂପରେ ମାତାଙ୍କ ପୂଜା କରାଯାଉଛି ।

ଦେବୀଙ୍କ ମାହାତ୍ମ୍ୟ ମାର୍କଣ୍ଡେୟ ପୁରାଣରେ ବର୍ଣ୍ଣିତ ହୋଇଛି । ଭଗବାନ ବିଷ୍ଣୁ ଯୋଗନିଦ୍ରାରେ ଶୟନ କରିଥିବା ସମୟରେ ତାଙ୍କ କର୍ଣ୍ଣମଳରୁ ମଧୁ–କୈଟଭ ରାକ୍ଷାସଙ୍କ ଉତ୍ପତ୍ତି ହୋଇ ବିଷ୍ଣୁଙ୍କ ନାଭିକମଳରେ ଆସୀନ ବ୍ରହ୍ମାଙ୍କୁ ଭକ୍ଷଣ କରିବାକୁ ଉଦ୍ୟତ ହୁଅନ୍ତେ ବ୍ରହ୍ମା ମହାମାୟା କାଳୀଙ୍କୁ ରକ୍ଷା ନିମନ୍ତେ ପ୍ରାର୍ଥନା କରିଥିଲେ । ମହାମାୟା ଭଗବାନଙ୍କୁ ନିଦ୍ରାରୁ ଉଠାଇବାରୁ ଦେଖିଲେ ରାକ୍ଷାସ ଦୁଇଜଣ ବ୍ରହ୍ମାଙ୍କୁ ଆକ୍ରମଣ କରୁଛନ୍ତି । ଏଣୁ ସେମାନଙ୍କୁ ପ୍ରତିରୋଧ କରିବାକୁ ଚେଷ୍ଟାକଲେ ମଧ୍ୟ ତାହା ବିଫଳ ହେଲା । ଦୀର୍ଘଦିନ ଧରି ସଂଘର୍ଷ ଚାଲିବାରୁ ଭଗବାନ ମହାକାଳୀଙ୍କ ସାହାଯ୍ୟରେ ସେ ଦୁଇ ରାକ୍ଷସଙ୍କ ସ୍ମୃତି ଶକ୍ତିକୁ ପ୍ରଭାବିତ କଲେ । ଫଳରେ ସେମାନେ ଭଗବାନ ବିଷ୍ଣୁଙ୍କୁ କହିଲେ,ହେ ବିଷ୍ଣୁ! ଆମ୍ଭେ ଆପଣଙ୍କର ଶକ୍ତିରେ ସନ୍ତୁଷ୍ଟ । ଏଣୁ କେଉଁ ବର ମାଗୁଛ ମାଗ । ବିଷ୍ଣୁ ତୁରନ୍ତ କହିଲେ ମୋ ହାତରେ ତୁମେ ବଧ ହୁଅ । ସେ ଦୁଇଜଣ ତାହା ହିଁ କଲେ ମାତ୍ର ଯେଉଁଠାରେ ଜଳ ନଥିବ ସେହି ସ୍ଥାନରେ ବଧ କରିବାକୁ ପ୍ରସ୍ତାବ ଦେଲେ । ସେତେବେଳେ ପ୍ରଳୟ ଜଳ ସର୍ବତ୍ର ବ୍ୟାପି ଥିବାରୁ ମହାକାଳୀଙ୍କ ପରାମର୍ଶ ଅନୁସାରେ ନିଜ ଜଙ୍ଘ ଉପରେ ପକାଇ ସେ ଦୁଇ ରାକ୍ଷସଙ୍କ ଶିର ଛେଦନ କଲେ । ଦେବୀକାଳୀଙ୍କ ଆଶୀର୍ବାଦ ଯୋଗୁଁ ବ୍ରହ୍ମା ବର୍ତ୍ତିଯାଇଥିବାରୁ ଦେବୀଙ୍କୁ ସ୍ତୁତି କଲେ । ଦେବୀ ନିତ୍ୟ ଉତ୍ପତ୍ତି ବିନାଶ ରହିତ କିନ୍ତୁ ସୃଷ୍ଟିର ରକ୍ଷାଲାଗି ଦେବତାମାନଙ୍କ କାର୍ଯ୍ୟସିଦ୍ଧି ଲାଗି ଆବିର୍ଭୂତ ହୁଅନ୍ତି । ମା' ପୁରୀରେ ଶ୍ୟାମାକାଳୀ, ଭଦ୍ରକରେ ଭଦ୍ରକାଳୀ ନାମରେ ପୂଜିତ ହେଉଛନ୍ତି ।

***ଔପଦା, ବାଲେଶ୍ୱର***
***ମୋ.୯୯୩୮୧୨୨୮୨୬***

# କାବ୍ୟ ଚେତନାରେ 'କାପାଳିକର କାବ୍ୟ' ଓ କବି ପଣ୍ଡିତ ପ୍ରବୋଧ କୁମାର

■ ସୁରେଶ କୁମାର ପ୍ରଧାନ ■

> ବିଂଶତମ ସ୍ତବକରେ ଅରଣ୍ୟବାସୀ ଭାଇ ଭଉଣୀମାନଙ୍କ କବି କାପାଳିକଙ୍କ ମାଧ୍ୟମରେ ଜାଗ୍ରତ କରିବାକୁ ଇଚ୍ଛା କରିଛନ୍ତି । ଆଦିମ ଆଧୁନିକର ସ୍ରଷ୍ଟା– ସୃଷ୍ଟି ମଧ୍ୟରେ ଥିବା ଆକାଶ ପାତାଳ ଫର୍‌କକୁ ଖୋଲି ଦେଇଛନ୍ତି । ଆଧୁନିକ ଯୁଗର ମଣିଷ ଚିତ୍ର ମଳିନ ଦିଶୁଛି । କାରଣ ସହରୀମାନେ କେବେ ଆଦି ମଣିଷର ହସ, ନାଚ, ଗୀତ–ସୁର–ସଙ୍ଗୀତରେ ମଜ୍ଜିବାକୁ ସକ୍ଷମ ହୋଇନି । ଏହି ସଭ୍ୟତା ଆଦିମ ପ୍ରାଚ୍ୟର ଝଙ୍କାର, ଉଚ୍ଛାସକୁ ମାପିପାରି ନାହିଁ ଏଯାବତ୍ ।

'କାପାଳିକର କାବ୍ୟ' ହେଉଛି ଉତ୍କଳର କାଳିଦାସ କୋବିଦ ପ୍ରାଜ୍ଞ ପ୍ରବୋଧ କୁମାର ମିଶ୍ରଙ୍କ ଏକ କାଳଜୟୀ କାବ୍ୟକୃତି । ଯାହାକି କବିଙ୍କର ବହୁମୁଖୀ ପ୍ରତିଭାର ଅନନ୍ୟ ନମୁନା । ସାମ୍ପ୍ରତିକ ସାରସ୍ୱତ ଆକାଶର ଜଣେ ସଫଳ ସ୍ରଷ୍ଟା ହିସାବରେ ପଣ୍ଡିତ ମିଶ୍ରଙ୍କ ସ୍ଥାନ ସ୍ୱତନ୍ତ୍ର । ଉଭୟ ସଂସ୍କୃତ ଏବଂ ଓଡ଼ିଆ ସାହିତ୍ୟ ଜଗତର ସମକାଳୀନ ପ୍ରତିଷ୍ଠିତ ପ୍ରାଜ୍ଞମାନଙ୍କ ମଧ୍ୟରେ ଶ୍ରୀଯୁକ୍ତ ମିଶ୍ର ଜଣେ ପ୍ରତିଭାବାନ କାବ୍ୟ ଶିଳ୍ପୀ । ସେ କାଳଜୟୀ କୃତିମାନଙ୍କର ସଂରଚନା କରି ସମସାମୟିକ ପ୍ରତିଭାମାନଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ ମର୍ଯ୍ୟାଦାଲାଭ କରିବାର ଗୌରବରେ ଅଧିଷ୍ଠିତ । ସ୍ୱତନ୍ତ୍ରତାର ସୌରଭରେ ସ୍ୱର୍ଣ୍ଣିମ ତାଙ୍କର ପ୍ରତ୍ୟେକଟି ସୃଷ୍ଟି । ଏଯାବତ୍ ସଂସ୍କୃତରେ ୧୦ଖଣ୍ଡ 'ଦୂତାବ୍ୟ' ରଚନା କରି ସେ ସ୍ୱାଧୀନୋତ୍ତର ଭାରତବର୍ଷରେ ସଂସ୍କୃତ–ସାହିତ୍ୟ କ୍ଷେତ୍ରରେ ନୂତନ ପରମ୍ପରା ସୃଷ୍ଟି କରିଛନ୍ତି । ଏଥିପାଇଁ ସେ 'ଉତ୍କଳ କାଳିଦାସ' 'ଅଭିନବ କାଳିଦାସ ବାଣୀ ରତ୍ନ' 'ଭାରତ କେଶରୀ' 'ପ୍ରଜ୍ଞା–ଭାରତୀ' 'ପ୍ରଜ୍ଞା–କୁମାର' ଆଶୁକବି ଆଦି ସମ୍ମାନରେ ସମ୍ମାନିତ । ଏ ଅବଧି ସେ ୬୬ଖଣ୍ଡ ବିଭିନ୍ନ ଧର୍ମ ଗ୍ରନ୍ଥର ସଫଳ ସ୍ରଷ୍ଟାର ସ୍ୱତନ୍ତ୍ର ସ୍ୱୀକୃତିପ୍ରାପ୍ତ ହୋଇଛନ୍ତି ।

ସର୍ବମୋଟ ଅଶୀତି ସ୍ତବକର ସମାହାରରେ ସଦ୍ୟ ଆତ୍ମପ୍ରକାଶ କରିଛି 'କାପାଳିକର କାବ୍ୟ' । ସରଳ ପଦନ୍ୟାସ, ପଦରେ ପ୍ରସାଦ ଏବଂ ମାଧୁର୍ଯ୍ୟର ଗୁଣର ସମାବେଶ, ଭାଷା ଓ ଭାବର ସୌଷ୍ଟବରେ ସ୍ୱୟଂ ସମ୍ପୂର୍ଣ୍ଣ ପ୍ରତ୍ୟେକଟି ସ୍ତବକ ଐଶ୍ୱର୍ଯ୍ୟର ଆଭାସରେ ଉଦ୍‌ଭାସିତ । ସମଗ୍ର ସୃଷ୍ଟି ସେହି ଅଦୃଷ୍ଟର ଇଙ୍ଗିତରେ ପରିଚାଳିତ । ସେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ନିୟନ୍ତ୍ରକ । ତେଣୁ ସେ ଦେଖିପାରେ ଆଗାମୀ ଅପେକ୍ଷାରତ ମୁହୂର୍ତ୍ତକୁ । ଆଗୁଆ ସୂଚନା ଦେଇ ଚେତାଇ ଦିଏ ନିଦ୍ରିତ ମାନବ ସମାଜକୁ । ଠିକ୍ ସେହିପରି ନିର୍ଜନ–ଗିରି–ଗୁହାରେ ଆଦିମ ମାନବ ମେଳରେ ଘୂରି ବୁଲୁଥିବା କାପାଳିକ ସନ୍ନ୍ୟାସୀ ଦେଖିପାରେ ଏଇ ଉନ୍ମାର୍ଗଗାମୀ ମାନବର ଆଗାମୀ ସକାଳ । ବିଦ୍ରୋହୀ ଆଉ ବିଦେହୀ ଝଙ୍କାରରେ ଝଙ୍କୃତ ଏହି କାବ୍ୟର ପ୍ରତିଟି କଳିକା । ଯାହାକି ପ୍ରଚ୍ଛଦପଟରେ ପ୍ରତୀୟମାନ କବିତାର ପ୍ରତ୍ୟେକଟି ସ୍ତବକରେ କବି ଆଧୁନିକ ମଣିଷର ନକଲି ପଣିଆର କଠୋର ସମାଲୋଚନା କରିଛନ୍ତି ଏବଂ ଉଚ୍ଛୃଙ୍ଖଳତାର ଚରମ ସୀମାରେ ପହଞ୍ଚି ମଣିଷ ଯେପରି ପ୍ରକୃତିର ନିୟମ ଭଙ୍ଗ କରୁଛି ସେଥିପାଇଁ କବି ପ୍ରାଣରେ ବ୍ୟଥା ଜନ୍ମିଛି ।

ପ୍ରଥମ ସ୍ତବକରେ କବିଙ୍କର ସୃଜନଶୀଳତା ଓ ଆତ୍ମାନୁଭବର ଏକ ଅନିର୍ବଚନୀୟ ଅଭିବ୍ୟକ୍ତିର ପରିସ୍ଫୁଟନ ଘଟିଛି । କବି ନିଜ ଦୃଷ୍ଟିଭଙ୍ଗୀରେ ସାମ୍ପ୍ରତିକ ସମାଜରେ ମାନବର ମାନସିକତାକୁ ମାପିବାକୁ ସକ୍ଷମ ହୋଇଛନ୍ତି । କବି କାପାଳି ସନ୍ନ୍ୟାସୀର କାୟାରେ ପ୍ରବେଶ ପୂର୍ବକ ନବ୍ୟ, ସଭ୍ୟ ମାନବର କୃତ୍ରିମତାକୁ କଳୁଛନ୍ତି । ଯେଉଁଠି କେବଳ, ପ୍ରତାରଣା, ଛଳନା, ଯେଉଁଠାରୁ ଦୂରେଇ ଯାଇଛି ପ୍ରକୃତିର ସେହି ଅପରୂପ ଭରା ଶୋକ ପାସୋରା ପରିବେଶ । ନାହିଁ ଝରଣାର କୁଳୁ କୁଳୁ ନାଦ, ଅଥବା ମନ୍ଦ ମନ୍ଦ ପାହାଡ଼ି ପବନର ଛନ୍ଦ । କେବଳ ଛଳନା– ମିଛର ବୁଢ଼ିଆଣୀ ଜାଲ ମାଳ ।

ଚତୁର୍ଥ ପ୍ରକାଶରେ କବି ଅରଣ୍ୟ ସଭ୍ୟତାର ଶ୍ରେଷ୍ଠତାକୁ ସ୍ୱୀକାର କରି ବ୍ୟକ୍ତିଗତ ଦୃଷ୍ଟିଭଙ୍ଗୀକୁ ବ୍ୟକ୍ତ କରିଛନ୍ତି । ଯେଉଁଠାରେ ରାଜା ପ୍ରଜାର ପ୍ରକାର ଭେଦ ନାହିଁ । କୌଣସି ପ୍ରାଚୀର ସେହି ପ୍ରକୃତିର ଶୋଭା ସମିତିରୁ ଖଣ୍ଡିତ କରିବାକୁ ସକ୍ଷମ ହୋଇପାରେ ନାହିଁ । ପ୍ରକୃତି ସର୍ବଦା ପହଞ୍ଚି ପ୍ରତ୍ୟେକ ରାତ୍ରିକୁ ସୁହାଗ ରାତିରେ ପରିଣତ କରିଥାଏ । କବିଙ୍କ ଦୃଷ୍ଟିରେ ସେହିଠାରେ କେବଳ ମାନବ ବାଦର ସଫଳ ସଂରକ୍ଷଣ ସମ୍ଭବ ହୋଇଛି ।

ଏଠି ହସେ ଚିର–ସବୁଜ–ପ୍ରକୃତି
ସହାଗ– ହସର ସରସିତ–ରତି
ଏଇଠି ଅସଲି– ମଣିଷ
ବାଦର ମେଳି ।

ଆଦିମ ସଭ୍ୟତାର ଆନ୍ତରିକତା, ଆତ୍ମୀୟତାକୁ କବି ସୁନ୍ଦର ଭାବରେ କାପାଳିକର କାବ୍ୟ ମାଧ୍ୟମରେ ନିଃସୃତ କରାଇଛନ୍ତି । ଯାହାକି ପଞ୍ଚମ ସ୍ତବକରେ ପ୍ରସ୍ଫୁଟିତ । ଯେଉଁଠି ମନ ସହିତ ମନ, ଆଖି ସହିତ ଆଖି ଏକାକାର ହୋଇ ଉଭୟ କୋହ ଓ ମୋହର ସାଗର ସୃଷ୍ଟି କରିଛି– ''ଏଠି ଛାତି ଛାତି ମିଶେ, ଆଖିରେ ଆଖିତାରେ ସେ'' ।

ନବମ ସ୍ତବକରେ କବି କାପାଳିକର କଳେବରରେ ପ୍ରବେଶ କରି ହିଁ ଜଡ଼ ଆଧୁନିକ ନଗ୍ନ ସଭ୍ୟତାକୁ ଚେତାଇ ଦେବାକୁ ଚେଷ୍ଟା କରିଛନ୍ତି । ତାଳ ତମାଳ ସବୁଜ ସମ୍ପଦ ଘେରା ଏହି ଅରଣ୍ୟ ସମାଜରେ ଶୁଭୁଛି ସୃଷ୍ଟିର ମଧୁର ବୀଣା । ସେଠାରେ ମଣିଷ ବଡ଼ ସରାଗରେ ହସି ଖେଳି ସମୟ କାଟୁଛି ତ୍ରୟୋଦଶ ପ୍ରକାଶ ହେଉଛି କବିଙ୍କ ଶବ୍ଦ ସଂଯୋଜନାର ଏକ ଭାବ ସାନ୍ଦ୍ରତାର ସାଗର । ଯଥାର୍ଥରେ ଶବ୍ଦମାନଙ୍କର ସାବଲୀଳ ସଙ୍ଗମ ହିଁ କବିତା ପଂକ୍ତିକୁ ରସାଳ କରିଛି–

କବିଙ୍କ ଭାଷାରେ–

''ବନାନୀର ମାଳ, ଝିଲ୍ଲୀର ତାଳ
ଓଇ ଇଲାକାର ରାଜା
ଘଡ଼ଘଡ଼ି ଏଠି ବଜାଏ
ବଣୁଆ ବାଜା ।''

ବିଂଶତମ ସ୍ତବକରେ ଅରଣ୍ୟବାସୀ ଭାଇ ଭଉଣୀମାନଙ୍କ କବି କାପାଳିକଙ୍କ ମାଧ୍ୟମରେ ଜାଗ୍ରତ କରିବାକୁ ଇଚ୍ଛା କରିଛନ୍ତି । ଆଦିମ ଆଧୁନିକର ସ୍ରଷ୍ଟା– ସୃଷ୍ଟି ମଧ୍ୟରେ ଥିବା ଆକାଶ ପାତାଳ ଫର୍‌କକୁ ଖୋଲି ଦେଇଛନ୍ତି । ଆଧୁନିକ ଯୁଗର ମଣିଷ ଚିତ୍ର ମଳିନ ଦିଶୁଛି । କାରଣ ସହରୀମାନେ କେବେ ଆଦି ମଣିଷର ହସ, ନାଚ, ଗୀତ–ସୁର–ସଙ୍ଗୀତରେ ମଜ୍ଜିବାକୁ ସକ୍ଷମ ହୋଇନି । ଏହି ସଭ୍ୟତା ଆଦିମ ପ୍ରାଚ୍ୟର ଝଙ୍କାର, ଉଚ୍ଛାସକୁ ମାପିପାରି ନାହିଁ ଏଯାବତ୍ ।

ମାଟି ମାଆର ବନ୍ଧା ହୋଇଛି ଏକ ତ୍ରିଂଶ ସ୍ତବକଠାରୁ ପଞ୍ଚତ୍ରିଂଶ ସ୍ତବକ ମଧ୍ୟରେ । ଯେଉଁଥିରେ ଜୀବନର ଗଭୀରତମ ଦର୍ଶନର ସ୍ଫୁରଣ ଘଟିଛି ଏକ ଭିନ୍ନ ଶୈଳୀରେ । କାରଣ ମାଟି ଓ ମଣିଷର ସମ୍ପର୍କ ଅତୀବ ନିବିଡ଼ । ମାଟିରୁ ମଣିଷର ସୃଷ୍ଟି । ବିଲୟ ମଧ୍ୟ ଏଇ ମାଟିରେ ମଣିଷର ଶେଷଶଯ୍ୟା ହେଉଛି ମାଟି । ତେଣୁ ମାଟିର ସ୍ନେହ ଅତୁଳନୀୟ । ସେ ସର୍ବଂ ସହା । ତା'ର ଛାତି ଚିରି ମଣିଷ, କଟୁ, କଷା, ତିକ୍ତ ଓ ମଧୁର ପରି ବିଭିନ୍ନ ରସ ଆସ୍ୱାଦନ କରିଥାଏ ।

ମାଟି ମାଆର ସେ
ସେନେହ ସୋହାଗ
କଳିକି ପାରିବ କେବେ?
ତା' ଛାତି ବିଦାରି
କେତେ ସୁଖଶିରୀ
ମଣିଷ ପାଉଚି ନିତି ।
ଆଜିର ମଣିଷ ଭାରି ସ୍ୱାର୍ଥପର ।

ମଣିଷର ଏହି ସ୍ୱାର୍ଥାନ୍ୱେଷୀ ମନୋବୃତ୍ତିର ସାରାଂଶ ସ୍ଥାନିତ ହୋଇ ପଞ୍ଚତ୍ରିଂଶ ସ୍ତବକଠାରୁ ପଞ୍ଚ ଚତ୍ୱାରିଂଶ ସ୍ତବକ ମଧ୍ୟରେ । କବି ସୁନ୍ଦର ଭାବରେ ସହରୀ ସଭ୍ୟ ଶିକ୍ଷିତ ବୋଲାଇଥିବା ମଣିଷର ଅସଲ ସ୍ୱରୂପକୁ ଲେଖନୀ ମୁନରେ ପ୍ରକାଶ କରିଛନ୍ତି ।

ଆମେ ଯେତେ ସବୁ
ଧୋବ ଧାଉଳିଆ
କଥା କୁହାଳିଆ ମିଛ ବହଳିଆ
କଥା କହୁ ନାନା ଠାଣି।
ମିଛ ଭରସାର ସୌଧରେ ବସି
ଆଶା ଭାଷା ଦେଉଁ ବୁଣି ।
ସାଇତିଛୁ ଆମ ମଣିଷପଣିଆ
ଅବିଶ୍ୱାସର ପରଦା ତଳେ ।

ସ୍ୱାର୍ଥପର ମଣିଷ କାର୍ଯ୍ୟ ହାସଲ ପାଇଁ ସବୁକିଛି କରି ବସେ ଏବଂ ରଙ୍ଗ ବଦଳାଇବାକୁ ପଛାଇ ନଥାଏ । ସ୍ୱାର୍ଥ ହାସଲ ପରେ ଅତୀତକୁ ଚାଲିଯାଏ । କବି ଆଧୁନିକ ସମାଜର ଏହି କୃତଘ୍ନ କାର୍ଯ୍ୟଧାରେ ଦୁଃଖିତ । କାରଣ ଏହି ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ ହେଉଛି ମଣିଷ । ଦୁର୍ଲଭ ଜୀବନ ପାଇଁ ତା'ର ଦୁରୁପଯୋଗ କରି ନରକ ଯନ୍ତ୍ରଣାର ପଥ ସୃଷ୍ଟି ନକରିବାକୁ କବି ଆବେଗର ସହ କବିତାରେ ସୂଚିତ କରୁଛନ୍ତି । ନଦୀ ପାର ହେବା ପାଇଁ ଦରକାର ନାଆ ଓ ନାଉରିଆ, ମାତ୍ର ନଦୀ ପାର ପରେ ପଛ କଥା ସମସ୍ତେ ଭୁଲନ୍ତି । ଯେପରି ଭୁଲନ୍ତି ।

ବାହା ପରେ ବେଦୀ
ରୋଷେଇ ପରେ ଚୁଲି
ନଈ ପାରି ପରେ
ନାଆ, ନାଉରିଆ
ନଈ କଥା ଯାଉ ଭୁଲି ।

କବି ପଞ୍ଚାଶତ ସ୍ତବକଠାରୁ ଶେଷ ପର୍ଯ୍ୟନ୍ତ ଆଜିର ଉଚ୍ଛୃଙ୍ଖଳିତ ସମାଜକୁ ଦିଗ୍‌ଦର୍ଶନ ପ୍ରଦାନ କରିବାକୁ ଚେଷ୍ଟା କରିଛନ୍ତି । ମଣିଷ ଯଦି ତା'ର ଅମାନବୀୟ କାର୍ଯ୍ୟଧାରାର ପରିବର୍ତ୍ତନ ନକରେ ତେବେ ସୁନାମି, ବାତ୍ୟା, ଭୂମିକମ୍ପ, ବନ୍ୟା ପରି ଦୈବୀ ଦୁର୍ବିପାକ ମଣିଷ ସୁନା ସଂସାରକୁ ଚୂନା କରିଦେବ ।

ଭୁଲ ବାଟରେ ଭୁଲ ଘାଟରେ,
ଭୁଲ ନାଟରେ, ଭୁଲ ଥାଟରେ
ସିଏ ଆଜି ଏଠି ଠିଆ ।

ମୋଟ ଉପରେ ଉଲ୍ଲେଖ କଲେ 'କାପାଳିକର କାବ୍ୟ' ଜାଗ୍ରତ କବି ମାନସର ପ୍ରଚଣ୍ଡ ଲାଭ ଖଣ୍ଡ ଓ ବିଦ୍ରୋହୀ ପ୍ରାଣର ବହିଃ ପ୍ରକାଶ । କବିଙ୍କର ଦରଦୀ–ହୃଦୟର ଗୁମ୍ଫିତ ଭାବାବେଗର ଏହା ହେଉଛି ଏକ ସଫଳ ସାରସ୍ୱତ ପରିପ୍ରକାଶ, ନିଚ୍ଛକ ମାନବୀୟ ଚିତ୍ରପଟ୍ଟ ପ୍ରଦାନ କରି କବି ମାନବବାଦର ସମ୍ପ୍ରସାରଣ କାମନା କରିଛନ୍ତି । କବି ପଣ୍ଡିତ ପ୍ରବୋଧ କୁମାର ସୁନ୍ଦର ଶବ୍ଦ ମାନଙ୍କର ସମନ୍ୱୟାତ୍ମକ ସୁଧାଧାର ସୃଷ୍ଟି ହେଉ ସ୍ୱପ୍ରଜ୍ଞା ଦୀପ୍ତ ସାରସ୍ୱତ ଔଜ୍ଜ୍ୱଲ୍ୟତାର ପରିପ୍ରକାଶ କରାଇପାରିଛନ୍ତି । କାବ୍ୟ ଚେତନାରେ ମାନବୀୟ ମୂଲ୍ୟବୋଧର ମୂଲ୍ୟାୟନ ପ୍ରଚେଷ୍ଟା କରାଯାଇଥିବାରୁ ନିଶ୍ଚିତ ଭାବେ କାବ୍ୟ ଖଣ୍ଡଟି ବିଦଗ୍ଧ କାବ୍ୟ ସହୃଦୟଙ୍କୁ ଆହ୍ଲାଦିତ କରିବ । ଆମ ସାହିତ୍ୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବ ନିଶ୍ଚୟ ।

***ସାମ୍ବାଦିକ, ଖୁଣ୍ଟୁଣୀ, ଆଠଗଡ଼, କଟକ***